
SAMANTA CHANDRASEKHAR AWARD
PROF. P.K. MISRA
2018

# ACHIEVERS PUBLISHING HOUSE

## BEST EDUCATIONIST AWARD FOR TALENTED PERSONALITIES

Certificate Of Excellence

**DR. CHANDRASHREE LENKA**

For Outstanding Achievements And Remarkable Role In Chosen Field Of Activity

On The Occasion of National Summit on

**Globalisation of**

**Economic & Social Development**

19th February 2018 At Delhi

H. S. RAWAT

*Programme Co-ordinator*

UNIVERSITY OF ENGINEERING & MANAGEMENT
Good Education, Good Jobs

# 2nd International Conference on Biotechnology & Biological Sciences

INSTITUTE OF ENGINEERING & MANAGEMENT
Good Education, Good Jobs

# BIOSPECTRUM 2018

University of Engineering & Management, Kolkata

## Certificate of Appreciation

This is to certify that Prof./Dr./Mr./Mrs./Ms. Smaranika Pattnaik of Sambalpur University has been awarded best paper/poster entitled "Molecular Docking Studies between components of Eucalyptus Essential Oil and Homologically Modelled Target Protein" at the **BIOSPECTRUM 2018** held on 27th - 28th July.

Satyajit Chakrabarti

Prof. Dr. Satyajit Chakrabarti
GENERAL CHAIR,
BIOSPECTRUM

CSIR - INDIA

Prof. Dr. Sajal Dasgupta
VICE CHANCELLOR,
UEM, KOLKATA

# P.G. DEPARTMENT OF CHEMISTRY
## UTKAL UNIVERSITY, VANI VIHAR,
### BHUBANESWAR 751004, Odisha
(UGC-DSA-II, DST-PURSE, DST-FIST Supported)

E-mail: headchemuu@gmail.com; Tel: 0674-2567734


No.CH/ 74 /2018 Dt. 12/6/18

Sub: Sanction letter and Cheque of Prof. G. N. Mahapatra Endowment Chair Award

Dear Dr. Sahu,

With reference to subject cited above, I am happy to inform you that you have been selected for "Prof. G. N. Mahapatra Endowment Chair Award". Please find enclosed the sanction letter and cheque of Rs. 60,000/- ( No. 085546 dated 4/6/2018) as first installment of the award money for the financial year 2017-18.

Please acknowledge the receipt. You are requested to submit the UC with progress report for evaluation and release of 2nd installment.

Yours faithfully,

12/06/2018

(Head)

Deptt. of Chemistry

Prof. & Head

Department of Chemistry

Utkal University

Encl: Sanction order and cheque

**To**

Dr. Satya Narayan Sahu

Asst. Professor of Chemistry

Department of Chemistry

Sambalpur University, Burla

Sambalpur

# ବିଜ୍ଞାନ ପ୍ରଚାର ସମିତି, କଟକ

## ୬୯ତମ ବାର୍ଷିକୋତ୍ସବ, ୨୦୧୮

## କୁମୁଦିନୀ ସ୍ମୃତି ପୁରସ୍କାର

## ଡକ୍ଟର ଚନ୍ଦ୍ରଶ୍ରୀ ଲେଙ୍କା



## ମାନପତ୍ର

ସମ୍ମାନନୀୟାଷୁ,

ଓଡ଼ିଶାର ଗୃହ ବିଜ୍ଞାନ ବିଭାଗରେ ଆପଣ ହେଉଛନ୍ତି ଜଣେ ସ୍ୱନାମଧନ୍ୟା ଅଧ୍ୟାପିକା । ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ସ୍ନାତକୋତ୍ତର ଗୃହ ବିଜ୍ଞାନ ବିଭାଗର ପ୍ରାଧ୍ୟାପିକା ଓ ବିଭାଗୀୟ ମୁଖ୍ୟ ଭାବରେ ଆପଣ ଅଧୁନା ଅଧିଷ୍ଠିତ । ଅଧ୍ୟାପକ ଓ ଗବେଷଣା କ୍ଷେତ୍ରରେ ଆପଣଙ୍କର ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱକାଳର ଅଭିଜ୍ଞତା ଆପଣଙ୍କୁ ଜଣେ ଦକ୍ଷ, ସଫଳ, କର୍ମନିଷ୍ଠ ଅଧ୍ୟାପିକା ଭାବରେ ପ୍ରତିଷ୍ଠା ଦେଇପାରିଛି ।

ଗବେଷଣା କ୍ଷେତ୍ରରେ ଆପଣଙ୍କର ଦକ୍ଷତା ଅସାଧାରଣ । ଜାତୀୟ ଓ ଅନ୍ତର୍ଜାତୀୟ ଗୃହବିଜ୍ଞାନ ପତ୍ର ପତ୍ରିକାରେ ଆପଣଙ୍କର ବହୁ ବୈଜ୍ଞାନିକ ନିବନ୍ଧ ପ୍ରକାଶିତ । ୩୦ରୁ ଉର୍ଦ୍ଧ୍ୱ ଜାତୀୟ ଓ ଅନ୍ତର୍ଜାତୀୟ ବିଜ୍ଞାନ ଅଧିବେଶନ ଗୁଡ଼ିକରେ ଯୋଗଦାନ କରି ଏବଂ ସେଠାରେ ଆପଣଙ୍କର ମତ ଉପସ୍ଥାପନା କରି ଆପଣ ବେଶ୍ ପ୍ରଶଂସିତା ଓ ସମ୍ମାନିତା ହୋଇଛନ୍ତି । ବହୁ ପି.ଏଚ୍‌ଡ଼ି ଓ ଏମ୍.ଫିଲ୍ ଅଧ୍ୟାୟୀମାନଙ୍କର ଅଧ୍ୟାପନା ଓ ଗବେଷଣା ପ୍ରତି ନିଷ୍ଠା ତଥା ଆନ୍ତରିକତା ଆପଣଙ୍କୁ ଜଣେ ନିପୁଣ ଓ ପ୍ରବୀଣ ଦିଗ୍‌ଦର୍ଶିକା ଭାବେ ପ୍ରତିଷ୍ଠା ଆଣିଦେଇଛି । ୧୦ ଖଣ୍ଡରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରି ଆପଣ ଯଥେଷ୍ଟ ସୁନାମ ଅର୍ଜନ କରିଛନ୍ତି । ଆପଣଙ୍କ କାର୍ଯ୍ୟଦକ୍ଷତା, ଅଧ୍ୟାପନାଶୈଳୀ, ଶିକ୍ଷାଦାନ ପ୍ରବଣତା ତଥା ଆନ୍ତରିକତା ଛାତ୍ରଛାତ୍ରୀଙ୍କ ମହଲରେ ଆପଣଙ୍କୁ ଆଦୃତ କରିପାରିଛି ।

ମହାଶୟା, ଆପଣଙ୍କର ବହୁମୁଖୀ ପ୍ରତିଭାର କୃତି ଓ କୀର୍ତ୍ତିକୁ ସ୍ୱୀକୃତି ଜଣାଇ ଏବଂ ଗୃହବିଜ୍ଞାନ କ୍ଷେତ୍ରରେ ଆପଣଙ୍କର ନିରବଚ୍ଛିନ୍ନ ଗବେଷଣାକୁ ସମ୍ମାନ ଜଣାଇ ବିଜ୍ଞାନ ପ୍ରଚାର ସମିତି ତା'ର ଏହି ୬୯ତମ ବାର୍ଷିକ ଉତ୍ସବରେ ଆପଣଙ୍କୁ "**କୁମୁଦିନୀ ସ୍ମୃତି ପୁରସ୍କାର**" ପ୍ରଦାନ କରି ନିଜକୁ ଧନ୍ୟ ମନେକରୁଛି । ଆପଣ ଦୀର୍ଘ ନିରାମୟ ଜୀବନ ଉପଭୋଗ କରି ନିଜର ପ୍ରତିଭାକୁ ଅଧିକ ଶାଣିତ ଓ ଋଦ୍ଧିମନ୍ତ କରନ୍ତୁ, ଏହା ହିଁ କାମନା ।

ଆପଣଙ୍କର ଗୁଣମୁଗ୍ଧ
ବିଜ୍ଞାନ ପ୍ରଚାର ସମିତିର ସଭ୍ୟବୃନ୍ଦ

ତା ୧୬.୧୨.୨୦୧୮

(ନିରଂଜନ ପାତ୍ର)
ସଂପାଦକ

(ପ୍ରଫେସର ଡା ସୁଦର୍ଶନ ପଟ୍ଟନାୟକ)
ସଭାପତି

# ଆଦିକବି ସାରଳା ଦାସ ସାଂସ୍କୃତିକ ପରିଷଦ



## ମୁନିଗୋସାଇଁ ମଠ, ଝଙ୍କଡ ଜି. ଜଗତସିଂହପୁର

## ଆଦିକବି ସାରଳା ଦାସ ସାରସ୍ୱତ ସମ୍ମାନ-୨୦୧୮

**ପ୍ରଖ୍ୟାତ ସାହିତ୍ୟ ସମାଲୋଚକ ପ୍ରଫେସର ଡ. କୃଷ୍ଣଚନ୍ଦ୍ର ପ୍ରଧାନ ମାନନୀୟେଷୁ !**

ମହାଶୟ,

ଓଡ଼ିଶାର ସାରସ୍ୱତ ଜଗତରେ ଆପଣ ଏକ ସୁବିଦିତ ଉଚ୍ଚାରଣ । ସାହିତ୍ୟର ବିଭିନ୍ନ ବିଭାବରେ ଲେଖନୀ ଚାଳନା କରି ଆମ ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ଆପଣ । ଆପଣଙ୍କ ଲେଖନୀ ନିସୃତ ବୌଦ୍ଧଧର୍ମ ଓ ଓଡ଼ିଆ ସାହିତ୍ୟ , ଓଡ଼ିଆ ସାହିତ୍ୟରେ ଶୈବଧର୍ମ, ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି, ଫକୀର ମୋହନ ତର୍କ ବିତର୍କ , ସାହିତ୍ୟ ଓ କବିତାତତ୍ତ୍ୱ, ଓଡ଼ିଆ ସାହିତ୍ୟର ଇତିହାସ , ଓଡ଼ିଆ ରୀତି ସାହିତ୍ୟ ପରମ୍ପରା ଓ ପୁରୋଦୃଷ୍ଟି, ଭାଷା ସାହିତ୍ୟ ସଂସ୍କୃତି, ଦେଶ ଓ ଭାଷାର କାରିଗର ଫକୀରମୋହନ, ଓଡ଼ିଆ ଗଦ୍ୟ ରୂପ ଓ ରୂପାନ୍ତର, ଓଡ଼ିଆ କଥା କଳ୍ପନାର ଦିଗ ଓ ଦିଗନ୍ତ ପ୍ରଭୃତି ୫୦ ଖଣ୍ଡ ଅମୂଲ୍ୟଗ୍ରନ୍ଥ ଆମ ସାହିତ୍ୟର ଏକ ଏକ ମାଇଲ୍ ସ୍ତମ୍ଭ ସଦୃଶ । ସମାଲୋଚନା ସାହିତ୍ୟ ଉପରେ ଆପଣଙ୍କ ଉଚ୍ଚାଙ୍ଗ ଗବେଷଣା ଆପଣଙ୍କୁ ଜଣେ ସଫଳ ସମାଲୋଚକର ମାନ୍ୟତା ପ୍ରଦାନ କରିଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର ଓ ମୁଖ୍ୟ ଭାବରେ ଆପଣ ସର୍ବଜନ ବିଦିତ । ଆପଣଙ୍କ ଭଳି ଜଣେ ଯୋଗଜନ୍ମା ସନ୍ତାନକୁ କୋଳରେ ଧରି ଉତ୍କଳ ମାଟି ଧନ୍ୟ ହୋଇଛି । ସର୍ବୋପରି ଜଣେ ସେହ୍ନୀ, ଦରଦୀ ଓ ଆଦର୍ଶ ଛାତ୍ରବତ୍ସଳ ଅଧ୍ୟାପକ ଭାବରେ ସବୁରି ମୁଖରେ ଆପଣଙ୍କର ଅଜସ୍ର ପ୍ରଶଂସା ।

ହେ ବରେଣ୍ୟ ସାରସ୍ୱତ ସ୍ରଷ୍ଟା !

ଆପଣଙ୍କ ଜୀବନବ୍ୟାପୀ ସାରସ୍ୱତ ପରିଭାକୁ ପ୍ରଣତି ଜଣାଇ ଆଜିର ଏହି ଶୁଭ ଲଗ୍ନରେ ଆମେ ଆପଣଙ୍କୁ ବାଗଦେବୀ ଶାରଳାଙ୍କ ମାନସ ପୁତ୍ର ଆଦିକବି ସାରଳାଦାସଙ୍କ ସ୍ମୃତିରେ ଅର୍ପିତ ଚଳିତ ବର୍ଷର ସମ୍ମାନ ଜନକ 'ଆଦିକବି ସାରଳା ଦାସ ସାରସ୍ୱତ ସମ୍ମାନ'ରେ ବିଭୂଷିତ କରିବା ସହିତ ଆପଣଙ୍କ ଦୀର୍ଘ ନିରାମୟ ଜୀବନ କାମନା କରୁଛୁ ।

ଝଙ୍କଡ
ମାଘ ସପ୍ତମୀ , ୨୦୧୮

(ନିରଞ୍ଜନ ପରିଡା )
ସମ୍ପାଦକ

(ପ୍ରଫେସର ଡ. ପ୍ରଭାକର ସ୍ୱାଇଁ)
ସଭାପତି

ଇତି
ଆପଣଙ୍କର ଗୁଣମୁଗ୍ଧ
ଆଦିକବି ସାରଳା ଦାସ ସାଂସ୍କୃତିକ ପରିଷଦ

# CHHATTISGARH COUNCIL OF SCIENCE & TECHNOLOGY, RAIPUR (C. G.)

&

# DURG UNIVERSITY, DURG (C. G.)

## *CERTIFICATE OF FELICITATION*

The Chhattisgarh Council of Science & Technology, Raipur and Durg University, Durg acknowledge the academic wisdom, commendable research activities and outstanding contribution of

Prof. **Sanjat Kr. Sahu**

**Sambalpur University, Sambalpur**

in the field of

**Environmental Science**

on the occasion of

**16th Chhattisgarh Young Scientist Congress- 2018**

held at

**Govt. V. Y. T. PG. Autonomous College, Durg (Chhattisgarh)**

**&**

**Bhilai Institute of Technology, Durg (Chhattisgarh)**

on

**February 27-28, 2018**

Dr. K. Subramaniam
Director General
CCOST, Raipur (C.G.)

Dixit
Dr. N. P. Dixit
Vice Chancellor
Durg University, Durg (C. G.)



# ଶବ୍ଦ ସାହିତ୍ୟ ସଂସଦ, ବୁର୍ଲା

ବିଶ୍ୱ ନାଟ୍ୟ ଦିବସ-ମାର୍ଚ୍ଚ ୨୭, ୨୦୧୯

ମାନନୀୟେଷୁ,
ପ୍ରଫେସର ସମର ମୁଦାଲି
ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତି ବିହାର, ବୁର୍ଲା

## ଶବ୍ଦ ସମ୍ମାନ

ମହାଶୟ,

ଆପଣ ଜଣେ ସଫଳ ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା, ସଂଗଠକ ଏବଂ ଆଲୋଚକ ଭାବେ ଏକ ବହୁ ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ରୂପେ ସୁପରିଚିତ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଦୀର୍ଘ ୨୫ ବର୍ଷର ଅଧ୍ୟାପନା ଜୀବନ ବିତେଇବା ସହିତ ବିଶ୍ୱବିଦ୍ୟାଳୟର ଦୂରନିରନ୍ତର ଶିକ୍ଷା ବିଭାଗର ନିର୍ଦ୍ଦେଶକ, ଜାତୀୟ ସେବା ଯୋଜନାର ସଂଯୋଜକ, ଡିନ୍ ଅଫ୍ ଫାକ୍‌ଲଟି ଅଫ୍ ଆର୍ଟସ୍ ଭଳି ଗୁରୁ ଦାୟିତ୍ୱ ସଫଳ ଭାବରେ ତୁଲାଇଛନ୍ତି। ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କାର୍ଯ୍ୟ ସଂପାଦନା ବେଳେ ବିଶ୍ୱବିଦ୍ୟାଳୟରେ ପ୍ରଥମ କରି ନାଟ୍ୟ ଜ୍ୟୋତିର ପରିକଳ୍ପନା କରି ଆନ୍ତଃ ମହାବିଦ୍ୟାଳୟ, ଆନ୍ତଃ ବିଶ୍ୱବିଦ୍ୟାଳୟ, ଆନ୍ତଃ ସ୍ନାତକୋତ୍ତର ବିଭାଗ ସ୍ତରୀୟ ନାଟକ ପ୍ରତିଯୋଗିତାର ଆୟୋଜନ କରାଇଥିଲେ। ଓଡ଼ିଆ ସାହିତ୍ୟ ଜଗତକୁ ସମାଲୋଚନା ମିଶ୍ର ରାଗ, ସ୍ରଷ୍ଟା-ସୃଷ୍ଟି ଓ ସମୀକ୍ଷା, ପଶ୍ଚିମ ଓଡ଼ିଶାର ନାଟ୍ୟ ପ୍ରତିଭା, ମୁଁ ଓ ମୋ ନାଟ୍ୟ ଜୀବନ, ଧନୁଯାତ୍ରା ଆଦି ଅନେକ ସୁପାଠ୍ୟ ପୁସ୍ତକର ସମ୍ଭାର ଅର୍ପଣ ପୂର୍ବକ ଆପଣ ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି। ନିଜ ସାମାଜିକ ଅଙ୍ଗୀକାର ବଦ୍ଧତାକୁ ପ୍ରତିପାଦିତ କରି "ସ୍ପନ୍ଦନ" ନାମକ ନାଟ୍ୟାନୁଷ୍ଠାନର ଅଙ୍କୁରୋଦ୍‌ଗମ ଠୁ ଆରମ୍ଭ କରି ଅଦ୍ୟାବଧି ଛତିଶ ବର୍ଷ ଧରି ତା'ର ଯାତ୍ରା ପଥକୁ ସୁଗମ କରିଆସୁଛନ୍ତି। ନାଟ୍ୟଶ୍ରୀ, କଳା ବିଭୂଷଣ, ମଂଚରତ୍ନ, କଳା ଗୌରବ ପରି ଅଗଣିତ ସମ୍ମାନରେ ଭୂଷିତ ନିରଳସ ବ୍ୟକ୍ତିତ୍ୱ ରୂପେ ଓଡ଼ିଶାବାସୀଙ୍କ ପାଖରେ ସୁପରିଚିତ। ଏକ ପ୍ରବିଣ ଶିକ୍ଷାବିତ୍ ଭାବରେ ୧୯ ଜଣ ପି.ଏଚ୍.ଡି ଏବଂ ୧୦୦ ରୁ ଊର୍ଦ୍ଧ୍ୱ ଏମ୍‌ଫିଲ୍ ଛାତ୍ରଙ୍କୁ ଦିଗ୍ ଦର୍ଶନ ଦେଇ ଆପଣ ଶିକ୍ଷା ପ୍ରତି ଅଭିପ୍ରେତ ଅନୁରାଗ ଓ ପ୍ରତିବଦ୍ଧତାର ଏକ ସ୍ପଷ୍ଟ ଚିତ୍ର ଉପସ୍ଥାପନା କରିଛନ୍ତି।

ଏପରି ଅସୁମାରୀ ପ୍ରତିଭା ସଂପନ୍ନ ଏକ ବ୍ୟକ୍ତିତ୍ୱଙ୍କୁ ଅଦ୍ୟ ବିଶ୍ୱନାଟ୍ୟ ଦିବସ ପରିପ୍ରେକ୍ଷୀରେ "ଶବ୍ଦ ସମ୍ମାନ"ରେ ସମ୍ମାନିତ କରି ଶବ୍ଦ ସାହିତ୍ୟ ସଂସଦ, ବୁର୍ଲା ନିଜକୁ ଗୌରବାନ୍ୱିତ ମନେକରିବା ସହିତ ଇଶ୍ୱରଙ୍କ ଠାରେ ଆପଣଙ୍କର ସୁସ୍ଥ ଓ ଦୀର୍ଘ ନିରାମୟ ଜୀବନ କାମନା କରୁଅଛି।

| | | |
|---|---|---|
| ସଭାପତି | ଉପ-ସଭାପତି | ସଂପାଦକ |